# ଆଦିବାସୀଙ୍କୁ ମିଳୁନି ମହୁଲର ଉଚିତ ମୂଲ୍ୟ


ଜଣେ ଆଦିବାସୀ ଯୁବକ ଜଙ୍ଗଲରୁ ମହୁଲଫୁଲ ସଂଗ୍ରହ କରୁଛନ୍ତି।

**ରାୟଗଡ଼ା,୧୬।୫(ଆଶିଷ ରଞ୍ଜନ ପଣ୍ଡା)**

ଜଙ୍ଗଲଜାତ ଦ୍ରବ୍ୟ ମହୁଲ ପାଇଁ ରାୟଗଡ଼ା ଜିଲାର ରହିଛି ସ୍ୱତନ୍ତ୍ର ପରିଚୟ। ହେଲେ ମହୁଲ କ୍ରୟ ଉପରେ କୌଣସି ବିଭାଗର ନିୟନ୍ତ୍ରଣ ରହୁ ନ ଥିବାରୁ ଦଲାଲଙ୍କ ହାବୁଡ଼ରେ ପଡ଼ି ଉଚିତ ମୂଲ୍ୟ ପାଉନାହାନ୍ତି ଆଦିବାସୀ। ମହୁଲର ସର୍ବନିମ୍ନ ସହାୟକ ଦର ୨୯ ଟଙ୍କା ହିସାବରେ ମହୁଲ ଫଳ ବା ଟୋଲ ସଂଗ୍ରହ କରିବାକୁ ଧାର୍ଯ୍ୟ କରାଯାଇଥିବା ବେଳେ ରାଜ୍ୟର ମାତ୍ର ୭ଟି ଜିଲାକୁ ଏଥିରେ ସାମିଲ କରାଯାଇଛି। ଅନ୍ୟପକ୍ଷେ ଟ୍ରାଇବାଲ ଡେଭଲପମେଣ୍ଟ କୋଅପରେଟିଭ କର୍ପୋରେଶନ (ଟିଡିସିସି) ଏହାକୁ ତାଲିକାଭୁକ୍ତ କରି ନ ଥିବାରୁ ଏହାର ଫାଇଦା ନେଉଛନ୍ତି ବାହାର ରାଜ୍ୟର ବେପାରୀ । ବେପାରୀମାନେ ଦଲାଲ ଲଗାଇ ଗାଁରୁ ଲୋକଙ୍କଠାରୁ କମ୍ ଦାମ୍‌ରେ ମହୁଲ କିଣିନେଉଛନ୍ତି । ବର୍ତ୍ତମାନ ବିହାରୀ ଦଲାଲମାନେ ଜିଲାର ବିଭିନ୍ନ ଗ୍ରାମାଞ୍ଚଳରେ ଆଡ୍ଡା ଜମାଇଛନ୍ତି।

ଚଳିତବର୍ଷ ରାଜ୍ୟର ସମସ୍ତ ଆଦିବାସୀ ବହୁଳ ଜିଲାରେ ମହୁଲ ଉତ୍ପାଦନ ଭଲ ହୋଇଛି। ଏହି ହିସାବରେ ଟୋଲ ଉତ୍ପାଦନ ବି ଅନୁରୂପ ଭାବେ ହେବ ବୋଲି ଆଦିବାସୀ ଚାଷୀ ଆଶା ରଖିଛନ୍ତି। କିନ୍ତୁ ମହୁଲକୁ ଟିଡିସିସି ତାଲିକାଭୁକ୍ତ ନ କରିବା ଯୋଗୁ ଆଦିବାସୀଙ୍କୁ ଚିନ୍ତାରେ ପକାଇ ଦେଇଛି। ଫଳରେ ଶତାଧିକ ବନବାସୀ ମହୁଲ ଦ୍ୱାରା ବାର୍ଷିକ ଆୟରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷେ ଏହି ସମୟରେ ଗାଁ ଗାଁରେ ମହୁଲ ସଂଗ୍ରହ ଅଭିଯାନ ଆରମ୍ଭ ହୋଇଗଲାଣି । ସ୍ଥାନୀୟ ବଜାରରେ ବର୍ତ୍ତମାନ ମହୁଲ କିଲୋ ପିଛା ୩୦ରୁ ୩୫ ଟଙ୍କାରେ ବିକ୍ରି ହେଉଛି । ହେଲେ ଦାମ କମାଇବା ପାଇଁ ଟ୍ରେଡରଙ୍କ ମନମୁଖି କାର୍ଯ୍ୟ ମହୁଲ ସଂଗ୍ରହକାରୀଙ୍କୁ ଅସୁବିଧାରେ ପକାଇଛି ।

**■ଶୋଷଣର ଶିକାର ଆଦିବାସୀ**
**■କାହାର ନିୟନ୍ତ୍ରଣ ନ ଥିବାରୁ ଦଲାଲ ସକ୍ରିୟ**

ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ପକ୍ଷରୁ କରାଯାଇଥିବା ଏକ ସର୍ଭେ ରିପୋର୍ଟ ଅନୁସାରେ, ରାଜ୍ୟର ପ୍ରାୟ ୧୦ଟି ଜିଲା ମହୁଲ ଉତ୍ପାଦନରେ ସବୁଠାରୁ ଆଗୁଆ ରହିଛି । ରାୟଗଡ଼ା, କନ୍ଧମାଳ, କେନ୍ଦୁଝର, ସୁନ୍ଦରଗଡ଼, କୋରାପୁଟ, ନବରଙ୍ଗପୁର ସମେତ ମୟୂରଭଞ୍ଜ, ଦେବଗଡ଼ ଓ ସମ୍ବଲପୁର ଜିଲାରେ ମହୁଲ ଉତ୍ପାଦନ ଭଲ ହୋଇଥାଏ । ଯଦି କେବଳ ମହୁଲ ଓ ଟୋଲରୁ ଆଦିବାସୀ ଉତ୍ପାଦନକୁ ଆକଳନ କରାଯିବ, ତେବେ ବଲାଙ୍ଗୀର ଜିଲାର ଏହା ସର୍ବାଧିକ ୯୫.୪୫ ପ୍ରତିଶତ ଓ ନୂଆପଡ଼ା ଜିଲାରେ ସର୍ବନିମ୍ନ ୬୦.୨୩ ପ୍ରତିଶତ ରହିଛି । ଆଦିବାସୀ ଓ ଦଳିତ ସମ୍ପ୍ରଦାୟ ସମେତ ଅନ୍ୟମାନେ ଜଙ୍ଗଲରୁ ସଂଗ୍ରହ କରୁଥିବା ସମୁଦାୟ ଲଘୁ ବନଜାତ ଦ୍ରବ୍ୟର ଏକ ସିଂହଭାଗ ଅର୍ଥ ମହୁଲରୁ ଆସିଥାଏ । ଓଡ଼ିଶାରୁ ପ୍ରତିବର୍ଷ ୨୦ ହଜାର କୁଇଣ୍ଟାଲ ମହୁଲ ସଂଗ୍ରହ କରାଯାଇ ବିକ୍ରି ହେଉଥିବା ବେଳେ ସଂଗ୍ରହକାରୀମାନେ କିଲୋ ପ୍ରତି ୨୫ରୁ ୩୫ ଟଙ୍କା ପାଇଥାନ୍ତି। ମହୁଲକୁ ବ୍ୟବହାରକରି ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ କିଲୋ ପ୍ରତି ୧୪୦ ରୁ ୧୬୦ ଟଙ୍କାରେ ବିକ୍ରି ହେଉଛି । ମଦ ପ୍ରସ୍ତୁତିରେ ମଧ ମହୁଲ ବ୍ୟବହାର କରାଯାଉଛି। ଏବେ ଖାଦ୍ୟ ନିରାପତ୍ତା ତାଲିକାରେ ମଧ ଏହାକୁ ସାମିଲ କରାଯାଇଛି । ମହୁଲରୁ ପାରମ୍ପରିକ ଖାଦ୍ୟ ତିଆରି କରାଯାଉଛି । ଆଗାମୀ ଦିନରେ ଏହାର ବଜାର ପ୍ରବେଶ ପାଇଁ ଓଡ଼ିଶା ପକ୍ଷରୁ ପ୍ରୟାସ ମଧ ଆରମ୍ଭ ହୋଇଛି । କେବଳ ମହୁଲ ନୁହେଁ ବରଂ ମହୁଲରୁ ପ୍ରସ୍ତୁତ ଜାମ୍, ଜେଲି, କୁକିଜ୍, ପାଚକ ଗୋଲି, ହାଲୱା, ଗୁଲାବଯାମୁନ, କେକ୍, ଚକୋଲେଟ, ଲଡୁ ଆଦି ତିଆରି ହୋଇ ବ୍ୟବସାୟ କରାଯିବା ନେଇ ପ୍ରୟାସ ଆରମ୍ଭ ହୋଇଛି । ପରୀକ୍ଷାମୂଳକ ଭାବେ ଏବେ ମହୁଲରୁ ହ୍ୟାଣ୍ଡ ସାନିଟାଇଜର ଓ ଫ୍ଲୋର କ୍ଲିନିଂ ତିଆରି କରାଯାଉଛି। କିନ୍ତୁ ପରିଚାଳନାଗତ ତ୍ରୁଟି ଯୋଗୁ ସଂଗ୍ରହକାରୀ ମୂଲ୍ୟ ପାଇବାରୁ ବଞ୍ଚିତ ରହିଛନ୍ତି। ଏ ସମ୍ପର୍କରେ ଜିଲା ପରିଷଦ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହଁର କହିଛନ୍ତି, ୨୦୧୫-୧୬ ବର୍ଷରେ ମହୁଲ ସଂଗ୍ରହ ଓ ଦର ଧାର୍ଯ୍ୟ ଦାୟିତ୍ୱ ଲ୍ୟାମ୍ପସକୁ ସରକାର ହସ୍ତାନ୍ତର କରିଛନ୍ତି। ଏ ନେଇ ସେ ଅଧିକ ତଦନ୍ତକରି ଜିଲାରେ ମହୁଲ ଗୋଟାଳି କିଭଳି ଲାଭବାନ୍ ହୋଇପାରିବେ ସେଥିପ୍ରତି ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି । ତେବେ ସମବାୟ ବିଭାଗକୁ ସରକାରଙ୍କ ସେହିଭଳି କୌଣସି ନିର୍ଦ୍ଦେଶ ମିଳି ନ ଥିବାରୁ ଏହାର ଦାୟିତ୍ୱ କେହି ନିର୍ବାହ କରୁନାହାନ୍ତି। ଏହିଭଳି ସ୍ଥିତିରେ ମହୁଲକୁ ଉପଯୁକ୍ତ ମୂଲ୍ୟ ମିଳିବା ପାଇଁ ରାଜ୍ୟ ସରକାର ସମବାୟ ବିଭାଗ କିମ୍ବା ଜିଲା ପରିଷଦ ମାଧ୍ୟମରେ ପ୍ରୟାସ କରିବା ଆବଶ୍ୟକ । ନଚେତ୍ ସଂଗ୍ରହକାରୀ ଚାଷୀ ଏଭଳି ଅଭାବୀ ବିକ୍ରିର ଶିକାରହେବା ନିଶ୍ଚିତ ବୋଲି ବୁଦ୍ଧିଜୀବୀ ମହଲରେ ଅଭିଯୋଗ ହୋଇଛି।

# ବାଇକ୍ ଧକ୍କାରେ ୨ ମୃତ, ଘଟଣାସ୍ଥଳରେ ଉତ୍ତେଜନା



**ରାୟଗଡ଼ା,୧୬।୫(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ଥାନା ଅନ୍ତର୍ଗତ କୃଷ୍ଣନଗରରେ ଗୁରୁବାର ସନ୍ଧ୍ୟା ପ୍ରାୟ ୭ଟାରେ ବାଇକ୍ ଧକ୍କାରେ ୨ଜଣଙ୍କ ମୃତ୍ୟୁ ଘଟିଛି। ଜଣେ ଯୁବକ ରାସ୍ତା କଡ଼ରେ ଠିଆହୋଇ ଥିବା ସମୟରେ ଦ୍ରୁତ ଗତିରେ ଏକ ବାଇକ୍ ଆସି ତାଙ୍କୁ ଧକ୍କା ଦେବା ସହ ବାଇକ୍ ଚାଳକ ରାସ୍ତାରେ ଛିଟକି ପଡ଼ିବାରୁ ଘଟଣାସ୍ଥଳରେ ୨ଜଣଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ଉପରସାଜା ଗ୍ରାମର ଯୋଗେଶ ମିଣିଆକା (୨୫)। ତେବେ ବାଇକ ଚାଳକଙ୍କ ପରିଚୟ ମିଳିପାରିନାହିଁ। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, କୃଷ୍ଣନଗର ଗାଁ ଛକରେ ଗୁରୁବାର ସନ୍ଧ୍ୟାରେ ଯୋଗେଶ ଛିଡା ହୋଇ ଏକ ଟ୍ରାକ୍ଟରରେ କାଠ ବୋଝେଇ କରୁଥିଲେ । ଏହି ସମୟରେ ସିକରପାଇରୁ ଏକ ବାଇକ ଦ୍ରୁତ ଗତିରେ ଆସି ଟ୍ରାକ୍ଟର ନିକଟରେ ଠିଆ ହୋଇଥିବା ଯୋଗେଶଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ୨ଜଣଙ୍କ ମୃତ୍ୟୁ ହୋଇଥିଲା। ବାଇକ ଚାଳକଙ୍କ ପରିଚୟ ଜଣାପଡି ନ ଥିବାବେଳେ ସେ ରେଳ ବିଭାଗରେ କାର୍ଯ୍ୟ କରୁଥିବା ଜଣାପଡ଼ିଛି। ମୃତ ଯୋଗେଶଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ସ୍ଥାନୀୟ ବାସିନ୍ଦା ରାସ୍ତା ଅବରୋଧ କରିଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ଘଟଣାସ୍ଥଳରେ କଲ୍ୟାଣସିଂହପୁର ଥାନା ଆଇଆଇସି ନୀଳକଣ୍ଠ ବେହେରା ପହଞ୍ଚି ତଦନ୍ତ କରିବା ସହିତ ଲୋକଙ୍କୁ ବୁଝାଶୁଝା କରୁଛନ୍ତି। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି।

# ଜଳିଗଲା ଫାଷ୍ଟଫୁଡ୍ ଦୋକାନ

**ଗୁଡ଼ାରି, ୧୬।୫ (ପ୍ରମୋଦ କୁମାର ପତି)**

ରାୟଗଡ଼ା ଜିଲା ଗୁଡାରି ବ୍ଲକ୍ ଅନ୍ତର୍ଗତ ଗୌଡ଼ ଢେପାଗୁଡ଼ା ଗ୍ରାମରେ ଗୁରୁବାର ମଧ୍ୟାହ୍ନରେ କୌଣସି କାରଣବଶତଃ ନିଆଁ ଲାଗି ଗୋଟିଏ ଫାଷ୍ଟଫୁଡ୍ ଦୋକାନ ସମ୍ପୂର୍ଣ୍ଣ ପୋଡ଼ିଯାଇଛି। ଖବରପାଇ ଗୁଡାରିରୁ ଦମକଳ ଗାଡି ପହଞ୍ଚି ଗ୍ରାମବାସୀଙ୍କ ସହଯୋଗରେ ନିଆଁକୁ ଆୟତ୍ତ କରିଥିଲା। କିନ୍ତୁ ସେତେବେଳକୁ ଦୋକାନରେ ଥିବା ସମସ୍ତ ସାମଗ୍ରୀ ଜଳିପୋଡ଼ି ପାଉଁଶ ହୋଇଯାଇଥିଲା। ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ିଯାଇଥିବା ସୂଚନା ମିଳିଛି। ଏହାଛଡ଼ା ଫାଷ୍ଟଫୁଡ୍ ଦୋକାନକୁ ଲାଗିଥିବା ମୋଟରସାଇକେଲ ଗ୍ୟାରେଜ ମଧ କ୍ଷତିଗ୍ରସ୍ତ ହୋଇଛି। ଖବର ଶୁଣି ପେଣ୍ଡିଲି ସରପଞ୍ଚ ରେଣୁକା ଶବର ଓ ଗୁଣପୁର ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ସତ୍ୟଜିତ ଗମାଙ୍ଗ ଘଟଣାସ୍ଥଳରେ ପହଞ୍ଚି ଦୋକାନ ମାଲିକ ଜଗନ୍ନାଥଙ୍କ ସହ ଭେଟି ଦୁଃଖ ପ୍ରକାଶ କରିଥିଲେ।


ଅଗ୍ନିକାଣ୍ଡରେ ଜଳିଯାଇଥିବା ଫାଷ୍ଟଫୁଡ୍ ଦୋକାନ।

**ସଂକ୍ଷେପରେ**

## ଚୋରି କରି ଜଣେ ଗିରଫ

**ଦାମନଯୋଡି,୧୬।୫ (ମାନସ ରଞ୍ଜନ କର)**

ଦାମନଯୋଡି ଅଞ୍ଚଳରେ ଚୋରି ବଢୁଥିବା ନେଇ ଅଭିଯୋଗ ହେବା ପରେ ପୋଲିସ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ଗତ ଦିନରେ ନାଲ୍‌କୋ ଟାଉନଶିପ ସମେତ ମାଥାଲପୁଟ ଅଞ୍ଚଳର ବିଭିନ୍ନ ସ୍ଥାନରୁ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଥାନା ଅଧିକାରୀ ପ୍ରମିଳା ବିଡିକା ଚୋରଙ୍କୁ ଧରିବାକୁ ଏକ ଟିମ ଗଠନ କରି ତଦନ୍ତ ଆରମ୍ଭ କରିଥିଲେ। ତେବେ ମାଥାଲପୁଟ ଅଞ୍ଚଳରେ ଏକ ଗ୍ୟାଙ୍ଗ ଏହି ଚୋରି ଘଟଣାରେ ସମ୍ପୃକ୍ତ ଥିବା ତଦନ୍ତରୁ ଜାଣିବା ପରେ ପୋଲିସ ମାଥାଲପୁଟ ଅଞ୍ଚଳର ରାଜେଶ୍ ଖୋସ୍ଲା ନାମକ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। କେସ୍ ନଂ.୬୩/୨୪। ଏଥିରେ ସାମିଲ ଥିବା ଅନ୍ୟମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ କହିଛନ୍ତି।

# ସୁନା, ରୁପା ଅଳଙ୍କାର ଜବତ: ୨ ଗିରଫ

**ରାୟଗଡ଼ା,୧୬।୫ (ଆଶିଷ ରଞ୍ଜନ ପଣ୍ଡା)**

ଏକ ଚୋରି ମାମଲାର ତଦନ୍ତକରି ରାୟଗଡ଼ା ପୋଲିସ ଗୁରୁବାର ୨ଜଣଙ୍କୁ ଗିରଫ କରିଛି। ପୋଲିସ ସେମାନଙ୍କ ନିକଟରୁ ୧୮ ଗ୍ରାମ ଓଜନର ସୁନା ଓ ୮୪ ଗ୍ରାମ ଓଜନର ରୁପା ଅଳଙ୍କାର ସମେତ ୭ ମୋବାଇଲ ଫୋନ ଜବତ କରିଛି। ଗିରଫ ୨ ଜଣଙ୍କ ମଧ୍ୟରେ ଜଣେ ନାବାଳକ ଥିବାରୁ ପୋଲିସ ତାଙ୍କୁ ବାଳ ସୁଧାରଗୃହକୁ ପଠାଇଦେଇଛି। ଅନ୍ୟ ଜଣେ ହେଲେ ସୁଣ୍ଡି ବୁଲୁ ଓରଫ ବୁଲଡଙ୍କୁ କୋର୍ଟଚାଲାଣ କରାଯାଇଛି। ବୁଲଡଙ୍କ ଘର ରାୟଗଡ଼ା ସହରର ରେଲି ସାହିରେ ବୋଲି ଜଣାପଡ଼ିଛି। ଜବତ ସୁନା ଓ ରୁପା ଅଳଙ୍କାର ମୂଲ୍ୟ ଦେଢ଼ ଲକ୍ଷ ଟଙ୍କା ହେବ ବୋଲି ଗୁରୁବାର ରାୟଗଡ଼ା ଥାନା ପରିସରରେ ଏକ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ରଶ୍ମିରଞ୍ଜନ ସେନାପତି ଏବଂ ଆଇଆଇସି କେ. କେ. ବି. କେ. କହଁର ସୂଚନା ଦେଇଛନ୍ତି।


ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ରଶ୍ମିରଞ୍ଜନ ସେନାପତି ଏବଂ ଆଇଆଇସି କେ. କେ. ବି. କେ. କହଁର ସୂଚନା ଦେଉଛନ୍ତି।

ଘଟଣାରୁ ପ୍ରକାଶ ଯେ, ରାୟଗଡ଼ା ସହରର ଗୋଦାବରୀଶ ନଗରର ସନ୍ତୋଷ ଗୌଡ଼ ଓ ତାଙ୍କ ପରିବାର ଗୁରୁବାର ଭୋର ସମୟରେ ଘରେ ଶୋଇଥିବା ସମୟରେ ବୁଲଡ ଓ ଜଣେ ନାବାଳକ ଘରେ ପଶି ଚୋରି କରିଥିଲେ। ସେମାନେ ସୁନା ଓ ରୁପା ଅଳଙ୍କାର ସମେତ ୨ଟି ମୋବାଇଲ ଫୋନ ଚୋରିକରି ନେଇଥିଲେ। ଏହି ଘଟଣାର ତଦନ୍ତକରି ପୋଲିସ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ସହ ୨ ଜଣଙ୍କୁ କାବୁ କରିଥିଲା। ସେମାନଙ୍କ ନିକଟରୁ ସନ୍ତୋଷଙ୍କ ଘରୁ ଚୋରି ହୋଇଥିବା ସାମଗ୍ରୀ ସମେତ ପୂର୍ବରୁ ଚୋରି କରିଥିବା ଆଉ ୫ ମୋବାଇଲ ଫୋନ ପୋଲିସ ଜବତ କରିଛି। ଏହାପରେ ସେମାନଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି ପୋଲିସ।

## ମାରପିଟ ଘଟଣାରେ ୨ କୋର୍ଟଚାଲାଣ

**ଗୋପାଳପୁର,୧୬।୫ (ନବୀନ ରାଜ ଆଚାରୀ)**

ଗୋଲନ୍ଥରା ଥାନା ଅଞ୍ଚଳରେ ମାରପିଟ ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଦୟାନିଧି ଗ୍ରାମର ଏଲ୍. ପୁରୁଷୋତ୍ତମ ଓ ଏଲ.ମୋହନ। ପୁରୁଷୋତ୍ତମ ଓ ତାଙ୍କ ଭାଇ ଏଲ.ତାତେୟାଙ୍କ ମଧ୍ୟରେ କୌଣସି କଥାକୁ ବିବାଦ ଲାଗି ରହିଥିଲା। ବୁଧବାର ଗ୍ରାମରେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ବାହାଘର ଭୋଜି ଚାଲିଥିବା ବେଳେ ପୁରୁଷୋତ୍ତମ ଓ ଅନ୍ୟ କେତେଜଣ ଲୋକ ଏବଂ ତାଙ୍କ ଭାଇ ତାତେୟା ଓ ପରିବାର ଲୋକଙ୍କ ମଧ୍ୟରେ କଥାକଟାକଟିରୁ ମାରପିଟ ହୋଇଥିଲା। ଏଥିରେ ଉଭୟ ପକ୍ଷରୁ ୪ ଜଣ ଆହତ ହୋଇଥିଲେ। ଏ ନେଇ ଏଲ. ମୋହନଙ୍କ ଅଭିଯୋଗ କ୍ରମେ ନଂ. ୨୨୫/୨୪ରେ ପୋଲିସ ମାମଲା ରୁଜୁ କରିଥିଲା। ପୁରୁଷୋତ୍ତମ ମଧ ଥାନାରେ ପାଲଟା ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ନେଇ ନଂ ୨୨୬/୨୪ରେ ମାମଲା ରୁଜୁ ହୋଇଛି।

# ଆଦିବାସୀ ବାଳିକା ହେବେ ପାରମ୍ପରିକ ବିହନ ସଂରକ୍ଷଣର ଅଗ୍ରଦୂତ

**କୋରାପୁଟ,୧୬।୫ (ଅମିତାଭ ବେହେରା)**

କୋରାପୁଟ ଭଳି ଆଦିବାସୀ ବହୁଳ ଅଞ୍ଚଳଗୁଡ଼ିକରେ ପୁଅ ଅପେକ୍ଷା ଝିଅମାନେ ଅନେକ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏହି ଆଦିବାସୀ ଝିଅମାନଙ୍କ ଉନ୍ନତି ନିମନ୍ତେ ପ୍ରତି ଗ୍ରାମରେ ପରିବାରକୁ ଫୋକସ କରି କିଶୋରୀମାନଙ୍କ ବିକାଶ କରିବା ଲାଗି ଗୁରୁବାର ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କୋରପୁଟ ଜିଲା ଲକ୍ଷ୍ମୀପୁର ବ୍ଲକର ୮ଟି ଗ୍ରାମକୁ ନେଇ ଖୁଦିପଦରଠାରେ ମହିଳା ନେତୃତ୍ୱ ସଙ୍ଗଠନ ୱାର୍ଡ ପକ୍ଷରୁ ଏହି କାର୍ଯ୍ୟକ୍ରମ କାଯାଇଥିଲା । ଏଥିରେ ସମାଜିକ କର୍ମୀ ଜୟନ୍ତୀ ବୁରୁଦା ଏବଂ ପାରମ୍ପରିକ ବିହନ ସଂରକ୍ଷଣ ପାଇଁ ଅନ୍ତର୍ଜାତୀୟ ମାନ୍ୟତା ପାଇଥିବା ଜୟପୁରର ଅଷ୍ଟମ ଶ୍ରେଣୀୟ ଛାତ୍ରୀ ହର୍ଷିତା ପ୍ରିୟଦର୍ଶିନୀ ମହାନ୍ତି ସାମିଲ ହୋଇଥିଲେ। ଉଭୟେ କିଶୋରୀ ଝିଅଙ୍କୁ ଶିକ୍ଷାର ବିକାଶ ଉପରେ ଆଲୋକପାତ କରିବା ସହ ସେମାନଙ୍କୁ ପ୍ରୋତ୍ସାହିତ କରିଥିଲେ। ବାଳିକାମାନେ ଜୀବିକା କୌଶଳ ଶିଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ସେମାନଙ୍କୁ ଜୀବନର ବିଭିନ୍ନ ଦିଗକୁ ସ୍ୱାଧୀନ ଭାବରେ ଚଳାଇବା, ଆର୍ଥିକ ସ୍ୱାଧୀନତା, ଆତ୍ମବିଶ୍ୱାସ ଏବଂ ସେମାନଙ୍କ ପରିବାର ଏବଂ ସମ୍ପ୍ରଦାୟରେ ସକରାତ୍ମକ ଯୋଗଦାନ କରିବାରେ ସକ୍ଷମ କରିଥାଏ ବୋଲି ମାଲକାନଗିରି ଜିଲାର ୨୦୨୪ ଫୋର୍ବସ ଇଣ୍ଡିଆ ଡବ୍ଲ୍ୟୁ-ପାୱାର ତାଲିକାରେ ସ୍ଥାନ ପାଇଥିବା ସାମାଜିକ କର୍ମୀ ବୁରୁଦା କହିଥିଲେ। ଏହି ଅବସରରେ ସେ ୪୦ ଜଣ ଆଦିବାସୀ ଝିଅଙ୍କ ସହ କଥା ହୋଇଥିଲେ। ସେହିପରି ସ୍ଥାୟୀ କୃଷି ପାଇଁ ପାରମ୍ପରିକ ବିହନ ସଂରକ୍ଷଣ ତଥା ସମାଜରେ ଗୁଣାତ୍ମକ ଖାଦ୍ୟ ବ୍ୟବହାରରେ କିଶୋରୀ ବାଳିକାମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି ବୋଲି ପାରମ୍ପରିକ ବିହନ ସଂରକ୍ଷଣ ପାଇଁ ଅନ୍ତର୍ଜାତୀୟ ମାନ୍ୟତା ପାଇଥିବା ଜୟପୁରର ଅଷ୍ଟମ ଶ୍ରେଣୀ ଛାତ୍ରୀ ହର୍ଷିତା ପ୍ରିୟଦର୍ଶିନୀ ମହାନ୍ତି କହିଥିଲେ। ସେ ଏଠାରେ ପାରମ୍ପରିକ ବିହନ ସଂରକ୍ଷଣର ମହତ୍ୱ ବିଷୟରେ ସଚେତନତା ସୃଷ୍ଟି କରି ଆଦିବାସୀ ବାଳିକା ପାରମ୍ପରିକ ବିହନ ସଂରକ୍ଷଣର ଅଗ୍ରଦୂତ ହୋଇପାରିବେ ବୋଲି କହିଥିଲେ। ବିହନ ସଂରକ୍ଷଣ, ସମ୍ପ୍ରଦାୟର ବିହନ ବ୍ୟାଙ୍କ ଏବଂ ଶିକ୍ଷାଗତ ପଦକ୍ଷେପ ଭଳି କାର୍ଯ୍ୟକଳାପରେ ବାଳିକାମାନେ ମଧ ନିୟୋଜିତ ହୋଇପାରିବେ ବୋଲି ସେ ପ୍ରକାଶ କରିଥିଲେ।

# ରାଷ୍ଟ୍ରୀୟ ସମ୍ମାନ ସହ ଡମ୍ବରୁଧରଙ୍କ ଶେଷକୃତ୍ୟ ସମ୍ପନ୍ନ

**ରାୟଗଡ଼ା,୧୬।୫(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଜିଲା କୋଲନରା ବ୍ଲକ୍ ବାଙ୍କିଲି ଶ୍ମଶାନଠାରେ ଗୁରୁବାର ପୂର୍ବତନ ମନ୍ତ୍ରୀ ଡମ୍ବରୁଧର ଉଲ୍ଲାକାଙ୍କ ଶେଷକୃତ୍ୟ ରାଷ୍ଟ୍ରୀୟ ସମ୍ମାନ ସହ ସମ୍ପନ୍ନ ହୋଇଛି। ଡମ୍ବରୁଧର ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ମଙ୍ଗଳବାର ମଧରାତିରେ ତାଙ୍କର ଦେହାନ୍ତ ହୋଇଥିଲା। ଭୁବନେଶ୍ୱରରୁ ତାଙ୍କ ମୃତଦେହ ନିଜ ଗ୍ରାମ ବାଙ୍କିଲି ଆଣିବା ପରେ ରାଜ୍ୟ ଗୃହ ବିଭାଗର ନିର୍ଦ୍ଦେଶକ୍ରମେ ରାୟଗଡ଼ା ଜିଲାପାଳ ସତ୍ୟୱାନ ମହାଜନଙ୍କ ଆଦେଶକ୍ରମେ ରାଷ୍ଟ୍ରୀୟ ମର୍ଯ୍ୟାଦା ପୂର୍ବକ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ଅତିରିକ୍ତ ଜିଲାପାଳ (ରାଜସ୍ୱ) ତ୍ରିନାଥ ମାଝି, ଅତିରିକ୍ତ ଆରକ୍ଷୀ ଅଧିକାରୀ ବିଷ୍ଣୁପ୍ରସାଦ ପାତ୍ର, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପ ନିର୍ଦ୍ଦେଶକ ବସନ୍ତ କୁମାର ପ୍ରଧାନ ଓ ଗୋଟିଏ ସେକ୍ସନ ପୋଲିସ ବାହିନୀ ଉପସ୍ଥିତିରେ ଗାର୍ଡ ଅଫ୍ ଅନର ଦିଆଯାଇ ଶେଷ ସମ୍ମାନ ଦିଆଯାଇଥିଲା।

ସ୍ୱର୍ଗତ ଉଲ୍ଲାକା ୧୯୭୪ରୁ ନିଜର ରାଜନୈତିକ କ୍ୟାରିୟର ବିଷମକଟକ ନିର୍ବାଚନ ମଣ୍ଡଳୀରୁ ଆରମ୍ଭ କରିଥିଲେ। ୧୯୭୭, ୧୯୮୦, ୧୯୮୫, ୧୯୯୫, ୨୦୦୪ ଓ ୨୦୦୯ ପର୍ଯ୍ୟନ୍ତ ବିଷମକଟକ ନିର୍ବାଚନମଣ୍ଡଳୀରୁ ସେ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ୧୯୮୫ରେ ରାଜ୍ୟ ମନ୍ତ୍ରିମଣ୍ଡଳର ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ । ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ, ପୂର୍ବତନ ଏମ୍‌ପି ହେମା ଗମାଙ୍ଗ, ଝିନ୍ନ ହିକ୍‌କା, ଜୟରାମ ପାଙ୍ଗୀ, ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ଏମ୍‌ପି ସପ୍ତଗିରି ଉଲାକା, ପିସିସି ସାଧାରଣ ସମ୍ପାଦକ ଦୁର୍ଗା ପ୍ରସାଦ ପଣ୍ଡା, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିବ ଶଙ୍କର ଉଲାକା ପ୍ରମୁଖ ରାଷ୍ଟ୍ରୀୟ ସମ୍ମାନ ପ୍ରଦାନ ପୂର୍ବକ ଅନ୍ତିମ ସଂସ୍କାର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।


ପୂର୍ବତନ ମନ୍ତ୍ରୀ ଡମ୍ବରୁଧର ଉଲ୍ଲାକାଙ୍କ ଶେଷକୃତ୍ୟ ସମୟରେ ଗାର୍ଡ ଅଫ୍ ଅନର ଦିଆଯାଉଛି।

# ସହରରୁ ଉଜୁଡ଼ିଗଲା ସବୁଜିମା

**ନବରଙ୍ଗପୁର, ୧୬ା୫(ସଦାଶିବ ପ୍ରହରାଜ)**


ନବରଙ୍ଗପୁର ସହର ସର୍କିଟ ହାଉସ୍ ସମ୍ମୁଖ ରାସ୍ତାରୁ କଟାଯାଇଥିବା ବିରାଟକାୟ ଗଛ।

- ରାସ୍ତା ପ୍ରଶସ୍ତୀକରଣ ନାଁରେ କଟାଗଲା ୮୫୭ ଗଛ
- ଦେଢ଼ ବର୍ଷ ବିତିଯାଇଥିଲେ ସୁଦ୍ଧା ସହର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଲଗାଗଲା ନାହିଁ ଚାରା

ଜାତୀୟ ରାଜପଥ କଡ଼ରୁ କଟିଲା ଅତି ପୁରୁଣା ବିରାଟକାୟ ଗଛ। ନବରଙ୍ଗପୁର ସହର ଅସ୍ଥାୟୀ ବାଇପାସ୍ ରାସ୍ତା ନିର୍ମାଣ ପାଇଁ ମଧ୍ୟ ଗଛ କଟିଲା। କିନ୍ତୁ ଗୋଟିଏ ଗଛ ଲାଗିଲା ନାହିଁ। ଏବେ ସହରବାସୀ ଖରା ଗରମରେ ସିଝୁଛନ୍ତି। ସହରର ଚାରିପାଖରେ ଚାରାରୋପଣ ନ କରି ପାପଡ଼ାହାଣ୍ଡି ବ୍ଲକର ପ୍ରଧାନୀଗୁଡ଼ାରୁ ଝିଟୁକୁଗୁଡା ପର୍ଯ୍ୟନ୍ତ ରାସ୍ତା କଡ଼ରେ ଗଛ ଲଗାଇଲେ, ଯାହାକୁ ଜନସାଧାରଣ ନାପସନ୍ଦ କରିଛନ୍ତି। ସହର ଚାରିପାଖ ଅନେକ ଖାଲି ସ୍ଥାନ ରହିଥିବାବେଳେ ସେଠାରେ ଗଛ ନ ଲଗାଇ ଅନ୍ୟ ବ୍ଲକରେ ଚାରାରୋପଣ ପଛରେ କ'ଣ ରହସ୍ୟ ରହିଛି ବୋଲି ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି।

ନବରଙ୍ଗପୁର ସହର ମଧ୍ୟ ଦେଇ ଜାତୀୟ ରାଜପଥ ୨୬ ଯାଇଛି। ରାସ୍ତା ପ୍ରଶସ୍ତୀକରଣ ନାମରେ ପ୍ରାୟ ଦେଢ଼ ବର୍ଷ ପୂର୍ବେ ରାସ୍ତାର ଉଭୟ ପାର୍ଶ୍ୱରେ ୫୦ରୁ ୧୦୦ ବର୍ଷର ବିରାଟକାୟ ଗଛଗୁଡିକୁ କାଟି ଦିଆଗଲା। ଇନ୍ଦ୍ରାବତୀ ନଦୀ ପୋଲ ନିକଟରୁ ଆର୍‌ଟିଓ ଅଫିସ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱବର୍ତ୍ତୀ ଗଛଗୁଡିକ କଟିଲା। ୫ କିମି ରାସ୍ତାରେ ୮୫୭ ଗଛ କଟାଯାଇଥିଲା। ୧ କିମି ମଧ୍ୟରେ ପ୍ରାୟ ୧୭୦ ଗୋଟି ବିରାଟକାୟ ଗଛ କଟାଗଲା, ଯାହାର ପ୍ରଭାବ ଚଳିତ ଗ୍ରୀଷ୍ମ ଆରମ୍ଭରୁ ସହରବାସୀ ଦେଖିବାକୁ ପାଇଛନ୍ତି। ପ୍ରଥମ ଥର ପାଇଁ ଚୈତ୍ର ମାସରେ ନବରଙ୍ଗପୁର ସହର ତାପମାତ୍ରା ୪୧ ଡିଗ୍ରୀ ଛୁଇଁଲା। ଚୈତ୍ରରେ ଏପରି କେବେ ତାତି ଅନୁଭବ କରିନଥିଲେ ସହରବାସୀ। ପୂର୍ବେ ଯାତ୍ରୀ ହୁଅନ୍ତୁ କିମ୍ବା ସହରବାସୀ, ଖରାଦିନେ ଗଛମୂଳେ ଟିକେ ଆଶ୍ରୟ ନେଉଥିଲେ। ଏବେ ରାସ୍ତା କଡ଼ରେ ନା ରହିଛି ଗଛ ନା ରହିଛି ବିଶ୍ରାମାଗାର। ଯାତ୍ରୀମାନେ ଡହଡହ ଖରାରେ ବିନା ବିଶ୍ରାମରେ ଯିବାଆସିବା କରୁଥିବାରୁ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି।

ସରକାରଙ୍କ ନିୟମ ଅନୁଯାୟୀ ଗୋଟିଏ ଗଛ କାଟିବା ବଦଳରେ ୨ଟି ଚାରାରୋପଣ କରାଯିବ। ଗଛ କଟାଯିବାର ପ୍ରାୟ ଦେଢ଼ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଗଲାଣି। ରାସ୍ତା ଉପରେ ଫୁଟ୍‌ପାଥ କରାଗଲା। ଏବେ ସେହି ଫୁଟ୍‌ପାଥ କାମରେ ଲାଗୁନି। ଫୁଟ୍ ପାଥ ଲୋକଙ୍କ ଜବରଦଖଲ ଆଜି ପର୍ଯ୍ୟନ୍ତ ରହିଛି। ଚାରା ରୋପଣକୁ ନେଇ ବନ ଉନ୍ନୟନ ନିଗମ କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାରୁ ଜଣାପଡିଥିଲା କଟାଯାଇଥିବା ଗଛର ୨ ଗୁଣା ଗଛ ପାପଡ଼ାହାଣ୍ଡିରୁ ମଇଦଲପୁର ଜାତୀୟ ରାଜପଥ କଡ଼ ପ୍ରଧାନୀଗୁଡ଼ାରୁ ଝିଟୁକୁଗୁଡ଼ା ପର୍ଯ୍ୟନ୍ତ ଲଗାଯାଇଛି। ଉକ୍ତ ସ୍ଥାନରେ ୧୭୧୮ ଲଗାଯିବା ବନ ଉନ୍ନୟନ ନିଗମ ପକ୍ଷରୁ ସୂଚନା ମିଳିଛି। ଏହାକୁ ନେଇ ସହରବାସୀଙ୍କ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। ସହରର ରାସ୍ତା ପ୍ରଶସ୍ତୀକରଣ ପାଇଁ ୮୫୭ ଗଛ କାଟିବା, ଗୋଲେଇ ମାପିବା, ପରିବହନ ଆଦି ପାଇଁ ଜିଏସ୍‌ଟି ସମେତ ୩୧ ଲକ୍ଷ ୩୨ ହଜାର ୧୮ ଟଙ୍କା ଖର୍ଚ୍ଚ ହେଲା। ୨୫ କ୍ୟୁବିକ ମିଟର, ୧୦ ଷ୍ଟକ ଜାଳେଣି ଆଦି ସଂଗ୍ରହ ହେଲା। ଏହି କାଠ ଓ ଗଣ୍ଡି ବିକ୍ରି ହେଲେ ଜାତୀୟ ରାଜପଥ ବିଭାଗକୁ ୭୫% ଓ ବିଭାଗ ୨୫% ଅର୍ଥ ପାଇବ। ଗଛ କାଟିବା ସମୟରେ ଜିଏସ୍‌ଟି ବାବଦକୁ ୪ ଲକ୍ଷ ୭୭ ହଜାର ୭୭୨ ଟଙ୍କା ରହିଥିବାବେଳେ ବନ ଉନ୍ନୟନ ନିଗମ ୫ ଲକ୍ଷ ୩୦ ହଜାର ୮୭୫ ଟଙ୍କା ପାଇଛି। ୮୫୭ ଗଛ କଟାଯିବା ପରେ ୧୭୧୮ ଚାରା ରୋପଣ ପାଇଁ ୨୪ ଲକ୍ଷ ୭୧ ହଜାର ୨୬୨ ଟଙ୍କା ଖର୍ଚ୍ଚ କରାଯିବ। ୩ ବର୍ଷ ଗଛଗୁଡିକ ରକ୍ଷଣାବେକ୍ଷଣ ପରେ ଜାତୀୟ ରାଜପଥ ବିଭାଗକୁ ହସ୍ତାନ୍ତର କରାଯିବ ବୋଲି ନିଗମର ଏମ୍‌ଡି ପିଟର ଟିଗା କହିଛନ୍ତି।

ସେହିଭଳି ରାଜୋଡା–କୋଷାଗୁମୁଡା ରାସ୍ତା ପ୍ରଶସ୍ତୀକରଣ ପାଇଁ ୧୧ ଲକ୍ଷ ୬୦ ହଜାର ୬୭୫ ଟଙ୍କା ବନ ଉନ୍ନୟନ ନିଗମ ରାସ୍ତା ଓ ଗୃହ ନିର୍ମାଣ ବିଭାଗଠାରୁ ପାଇଲେ। ତେବେ ଏକ ବର୍ଷ ବିତିବାକୁ ବସିଲାଣି, ହେଲେ ଗୋଟିଏ ବି ସ୍ଥାନରେ ଗଛଟିଏ ଲାଗିଲା ନାହିଁ। ଏଯାଏ କେଉଁ ସ୍ଥାନରେ ଚାରାରୋପଣ ହେବ, ସେ ନେଇ ଡିଏଫ୍‌ଓ କାର୍ଯ୍ୟାଳୟରୁ ନିର୍ଦ୍ଦେଶ ଆସିନଥିବା ଏମ୍‌ଡି ଟିଗା କହିଛନ୍ତି।

# ମେହେକ ଜୈନ ଅବିଭକ୍ତ କୋରାପୁଟ ଜିଲା ଟପ୍ପର

**ଝରିଗାଁ, ୧୬ା୫(କିଶୋର ଚନ୍ଦ୍ର ମଣ୍ଡଳ)**

- ସିବିଏସ୍‌ଇ ଦଶମ ପରୀକ୍ଷା
- ଝରିଗାଁ ଆଦର୍ଶ ବିଦ୍ୟାଳୟ ଛାତ୍ରୀ ମେହେକ



ନବରଙ୍ଗପୁର ଜିଲାସ୍ଥିତ ଝରିଗାଁ ଆଦର୍ଶ ବିଦ୍ୟାଳୟର ମେହେକ ଜୈନ ସିବିଏସ୍‌ଇ ଦଶମ ପରୀକ୍ଷାରେ ୯୭ ପ୍ରତିଶତ ନମ୍ବର ରଖି ଅବିଭକ୍ତ କୋରାପୁଟ ଜିଲାରେ ଟପ୍ପର ହୋଇଛନ୍ତି। ଝରିଗାଁ ବ୍ଲକ ସଦର ମହକୁମାର ଜଣେ ଜଣାଶୁଣା ଯୁବ ବ୍ୟବସାୟୀ ମନମୋହନ ଜୈନଙ୍କ ଝିଅ ମେହେକ ମୋଟ ୫ଶହରୁ ୪୮୫ ନମ୍ବର ରଖି ଟପ୍ପର ହୋଇଥିବା ବିଦ୍ୟାଳୟର ଅଧ୍ୟକ୍ଷ ବୁଲୁ ସାହୁ ପ୍ରକାଶ କରିଛନ୍ତି। ମେହେକ ପିଲାଟି ଦିନରୁ ଜଣେ ମେଧାବୀ ଛାତ୍ରୀ ଥିଲେ। ଭବିଷ୍ୟତରେ ଜଣେ ଉତ୍ତମ ଡାକ୍ତର ହେବା ପାଇଁ ଲକ୍ଷ୍ୟ ରଖିଥିବା ମେହେକ କହିଛନ୍ତି। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଝରିଗାଁରେ ଚଳିତ ବର୍ଷ ସିବିଏସ୍‌ଇ ଦଶମ ପରୀକ୍ଷାରେ ୭୨ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୬୪ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ରକି ହୱିଲଦାର ୪୧୩ମାର୍କ ରଖି ଦ୍ୱିତୀୟ ଏବଂ ସାଥୀ ରାଏ ୩୮୭ ନମ୍ବର ରଖି ସମ୍ପୃକ୍ତ ବିଦ୍ୟାଳୟରେ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ଅଧ୍ୟକ୍ଷ ସାହୁ ଏବଂ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ସମସ୍ତ ଛାତ୍ରୀଛାତ୍ର ତଥା ଅଭିଭାବକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



କୋରପୁଟ ଜିଲା ସୁନାବେଡା ହାଲ୍ ସହରାଞ୍ଚଳ ବି–ଜୋନସ୍ଥିତ ଶିରିଡି ସାଇ ମନ୍ଦିରରେ ଚାଲିଥିବା ୧୦୮ ସ୍ୱତନ୍ତ୍ର ଆଳତି।

## ସଂକ୍ଷେପରେ

### ଜଙ୍ଗଲରେ ଅବକାରୀ ଚଢ଼ାଉ

**ଜୟପୁର, ୧୬ା୫(ପବନ ପାଣିଗ୍ରାହୀ)**

ଦେଶୀମଦ ଚୋରାଚାଲାଣ ପାଇଁ ରଖାଯାଇଥିବା ସୂଚନା ପାଇ ଅବକାରୀ ବିଭାଗ କର୍ମଚାରୀମାନେ ଗୁରୁବାର ଡିମଳା ଜଙ୍ଗଲରେ ଚଢ଼ାଉ କରିଥିଲେ। ତେବେ ପୂର୍ବରୁ ଚଢ଼ାଉ ସୂଚନା ପାଇ ମଦ କାରବାରରେ ଲିପ୍ତ ବ୍ୟବସାୟୀମାନେ ଫେରାର ହୋଇଯାଇଥିଲେ। କର୍ମଚାରୀମାନେ ବହୁ ମଦଭାଟି ଭାଙ୍ଗିବା ସହ ୯ ଶହ ଲିଟର ପୋଚ, ୬୦ ଲିଟର ଦେଶୀମଦ ଜବତକରି ନଷ୍ଟ କରିଛନ୍ତି। ମଦରନ୍ଧା ଡ୍ରମ୍ ଆଦି ସରଞ୍ଜାମ ଜବତକରି ଆଣିଥିବା ଓଆଇସି ନୀଳାଦ୍ରି ବିହାରୀ ମିଶ୍ର କହିଛନ୍ତି।

### ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ

**ଜୟପୁର, ୧୬ା୫(ପବନ ପାଣିଗ୍ରାହୀ)**

ଜଣେ ଯୁବକଙ୍କ ଗୁରୁବାର ଅସ୍ୱାଭାବିକ ଭାବେ ମୃତ୍ୟୁ ହୋଇଛି । ସେ ହେଲେ କୁନ୍ଦୁରା ଥାନା କେନ୍ଦୁଗୁଡ଼ା ଗ୍ରାମର ଲକ୍ଷ୍ମଣ ଦୁରୁଆ (୨୭) । ଲକ୍ଷ୍ମଣ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମାତ୍ର ତାଙ୍କ ମୃତଦେହ ରେଳ ଷ୍ଟେଶନ ଛକରେ ପଡ଼ିଥିବା ଖବରପାଇ ସଦର ପୋଲିସ ମୃତଦେହ ଜବତ କରିଥିଲା। ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚାଲିଥିବା ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି। ସୂଚନାଯୋଗ୍ୟ, ଜିଲା ମୁଖ୍ୟ ଚିକିତ୍ସାଳୟ ରେଳ ଷ୍ଟେଶନ ନିକଟରେ ହୋଇଥିବାରୁ ଏଠାକୁ ଲକ୍ଷ୍ମଣ କିପରି ଆସିଲେ ଏବଂ ଏଠାରୁ ତାଙ୍କ ମୃତଦେହ ମିଳିଲା ସେ ନେଇ ପୋଲିସ ତଦନ୍ତଭୁକ୍ତ କରିଛି।

# ପଶୁପକ୍ଷୀଙ୍କ ପାଇଁ ପାଣି ବ୍ୟବସ୍ଥା


କାର୍ଯ୍ୟକ୍ରମ ଉଦ୍‌ଘାଟନ ଅବସରରେ ଅତିଥି ଓ ସମିତି କର୍ମକର୍ତ୍ତାମାନେ।

**ଉମରକୋଟ, ୧୬ା୫(ସନ୍ତୋଷ ଶତପଥୀ)**

**ଉତ୍କଳ ଗୋଶାଳା ସମିତିର ଅଭିନବ ପ୍ରୟାସ**

ରାଜ୍ୟରେ ପ୍ରଚଣ୍ଡ ରୌଦ୍ରତାପରେ ଜନଜୀବନ ଅସ୍ତବ୍ୟସ୍ତ ହେଉଥିବା ବେଳେ ବୁଲା ଗାଈ ଗୋରୁ ଏବଂ ପଶୁପକ୍ଷୀମାନେ ମଧ୍ୟ ଏହାଦ୍ୱାରା ଖୁବ୍ କଷ୍ଟ ପାଉଛନ୍ତି। ଏହାକୁ ନଜରରେ ରଖି ଶୋଷିଲା ପଶୁପକ୍ଷୀଙ୍କ ଉଦ୍ଦେଶ୍ୟରେ ଉତ୍କଳ ଗୋଶାଳା ସମିତି ଉମରକୋଟ ସହରର ବିଭିନ୍ନ ସର୍ବସାଧାରଣ ସ୍ଥାନରେ ପାଣିପାତ୍ର ରଖିବା ବ୍ୟବସ୍ଥା କରିଛନ୍ତି। ଗୁରୁବାର ନବରଙ୍ଗପୁର ଜିଲା ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ ଡା. ପ୍ରଶାନ୍ତ କୁମାର ସାମଲଙ୍କ ଦ୍ୱାରା ଗୁଲିପାଟଣାରେ ଏହି କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ପଶୁପକ୍ଷୀଙ୍କ ସେବାରେ ଲେଖା ଥାଇ ସୁନ୍ଦର ଭାବେ ଚିତ୍ରିତ ୧୫ ସିମେଣ୍ଟ କୁଣ୍ଡକୁ ମୁଖ୍ୟ ଅତିଥି ପଶୁପକ୍ଷୀଙ୍କ ସେବା ଉଦ୍ଦେଶ୍ୟରେ ସମର୍ପଣ କରିଥିଲେ। ଏଥିରେ ଉମରକୋଟ ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡା. ପ୍ରକାଶ ଚନ୍ଦ୍ର ମହାନ୍ତି, ପ୍ରାଣୀ ଚିକିତ୍ସକ ଡାକ୍ତର ହୋତା, ବିଶିଷ୍ଟ ସାହିତ୍ୟିକ ଓ ଆଦର୍ଶ ଶିକ୍ଷକ ଟୁଟୁ ବାବୁ ପଟ୍ଟନାୟକ, ଶିକ୍ଷକ ଦିଲୀପ କୁମାର ପଟ୍ଟନାୟକ, ଧନେଶ୍ୱର ପୁହାଣ, ସତ୍ୟେନ୍ଦ୍ର ରାଉତ, ବିଷ୍ଣୁପ୍ରସାଦ ଶ୍ରୀଚନ୍ଦନ ଏବଂ ଅଞ୍ଜନ କୁମାର ଜେନା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁ ବୁଲା ପଶୁପକ୍ଷୀ ପାଣି ପାଇଁ ଉହଳବିକଳ ହେଉଥିବାବେଳେ ଉତ୍କଳ ଗୋଶାଳା ସମିତିର ଏଭଳି ମହତ ତଥା ମାନବୀୟ ମୂଲ୍ୟବୋଧଭିତ୍ତିକ ପଦକ୍ଷେପକୁ ଅତିଥିମାନେ ପ୍ରଶଂସା କରିଥିଲେ। ସର୍ବ ସାଧାରଣରେ ଅନୁରୂପ କାର୍ଯ୍ୟକ୍ରମମାନ ଆୟୋଜନ କରିବାକୁ ଅତିଥିମାନେ ଉତ୍ସାହିତ କରିଥିଲେ। ଏହି ପାଣିପାତ୍ରଗୁଡିକୁ ଉମରକୋଟ ସହରର ବିଭିନ୍ନ ସ୍ଥାନରେ ରଖାଯାଇଛି। ସେଥିରେ ସ୍ଥାନୀୟ ଲୋକେ ପାଣି ଭର୍ତ୍ତିକରି ପଶୁପକ୍ଷୀଙ୍କ ଉଦ୍ଦେଶ୍ୟରେ ରଖିବେ ବୋଲି ସ୍ଥିରି ହୋଇଛି। କାର୍ଯ୍ୟକ୍ରମକୁ ରାଜ୍ୟ ସମାଜସେବା ପୁରସ୍କାରପ୍ରାପ୍ତ ବିଶିଷ୍ଟ ସାମାଜିକ କର୍ମୀ ତଥା ଶିକ୍ଷକ ସମୀର କୁମାର ପ୍ରଧାନ ସଂଯୋଜନା କରିଥିଲେ। ଉତ୍କଳ ଗୋଶାଳା ସମିତିର ଏହି ମହତ କାର୍ଯ୍ୟ ପାଇଁ ସମସ୍ତେ ସାଧୁବାଦ ଜଣାଇଛନ୍ତି।

### କୋରାପୁଟ ପୌରାଞ୍ଚଳରେ ମହିଳା ଭୋଟର ଅଧିକ

**କୋରାପୁଟ, ୧୬ା୫ (ଅମିତାଭ ବେହେରା)**

ଅବିଭକ୍ତ କେରାପୁଟ ଜିଲାରେ ଶେଷ ହୋଇଥିବା ସାଧାରଣ ନିର୍ବାଚନ ଶେଷ କୋରାପୁଟ ମ୍ୟୁନିସିପାଲିଟି ଅଞ୍ଚଳରେ ପରୁଷଙ୍କ ଅପେକ୍ଷା ମହିଳା ଭୋଟରଙ୍କ ସଂଖ୍ୟା ଅଧିକ ଥିବା ଜଣାପଡିଛି। ପୁରୁଷଙ୍କ ତୁଳନାରେ ମହିଳା ଭୋଟର ଅଧିକ ମତଦାନ କରିଛନ୍ତି। ଚଳିତ ସାଧାରଣ ନିର୍ବାଚନରେ କୋରାପୁଟ ପୌର ପରିଷଦର ୩୪ଟି ବୁଥରେ ୩୪ ହଜାର ୧୮୨ ଭୋଟରଙ୍କ ମଧ୍ୟରୁ ୨୨ ହଜାର ୭୭୮ ଜଣ ସେମାନଙ୍କ ମତଦାନ କରିଥିଲେ। ଏଥିରେ ପୁରୁଷ ଭୋଟର ୧୦ହଜାର ୮୪୧ ଥିବା ବେଳେ ମହିଳା ଭୋଟର ସଂଖ୍ୟା ୧୧ ହଜାର ୯୩୪ ଜଣ ମତଦାନ ସାବ୍ୟସ୍ତ କରିଥିବା ଜଣାପଡିଛି। କୋରାପୁଟ ପୌର ପରିଷଦର ରେଲିକୁମ୍ଭା ବୁଥରେ ସର୍ବାଧିକ ୯୨.୯୧ ପ୍ରତିଶତ ମତଦାନ ହୋଇଥିବା ବେଳେ ଓଏମପି (୧) ବୁଥରେ ସର୍ବନିମ୍ନ ୩୭.୯୯ପ୍ରତିଶତ ମତଦାନ ହୋଇଥିବା ଜିଲା ପ୍ରଶାସନ ପ୍ରଦାନ କରିଥିବା ତଥ୍ୟରୁ ସ୍ପଷ୍ଟ ହୋଇଛି। ସୂଚନାଯୋଗ୍ୟ, ପୌର ପରିଷଦର ରେଲିକୁମ୍ଭା ବୁଥରେ ସର୍ବାଧିକ ୯୨.୯୧ ପ୍ରତିଶତ ମତଦାନ ହୋଇଥିବା ବେଳେ ଓଏମ୍‌ପି (୧) ବୁଥରେ ସର୍ବନିମ୍ନ ୩୭.୯୯ ପ୍ରତିଶତ ମତଦାନ ହୋଇଥିଲା। ରେଲିକୁମ୍ଭା ଓ ପୋଲିସ ହାଇସ୍କୁଲ ବୁଥରେ ରାତି ୯ଯାଏ ମତଦାନ ଚାଲିଥିଲା।

# ପୋଲିସ ଉପସ୍ଥିତିରେ ହେଲା ଶେଷକୃତ୍ୟ

**ନନ୍ଦପୁର, ୧୬ା୫ (ଶଙ୍କର ପୂଜାରୀ)**

**ନିଆଁରେ ପୋଡ଼ିହୋଇ ନବବିବାହିତାଙ୍କ ମୃତ୍ୟୁ ଘଟଣା**

କୋରାପୁଟ ଜିଲା ନନ୍ଦପୁର ବ୍ଲକ ପାଡୁଆ ଥାନା ଅନ୍ତର୍ଗତ ପୂଜାରୀପୁଟ ଗ୍ରାମରେ ନବ ବିବାହିତ ବୋହୂ ଶିବାନୀଙ୍କ ନିଆଁରେ ପୋଡ଼ିହୋଇ ମୃତ୍ୟୁ ଘଟଣାର ୨୭ ଘଣ୍ଟା ପରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ମାମଲାର ଗୁରୁତ୍ୱକୁ ନେଇ ପୋଲିସର ପ୍ରୋଟୋକଲ ଅନୁସାରେ ଲମତାପୁଟ ଓ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦର ଆନୁଷଙ୍ଗିକ ବ୍ୟବସ୍ଥା ନ ଥିବାରୁ ଗୁରୁବାର ମୃତଦେହ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟକୁ ନିଆଯାଇ ସେଠାରେ ବ୍ୟବଚ୍ଛେଦ କରାଯାଇଥିଲା। ଶେଷକୃତ୍ୟ ଲାଗି ବାପଘର ଲୋକେ ମୃତଦେହ ନେବାକୁ ମନା କରିବାରୁ ମଧ୍ୟସ୍ଥଙ୍କ ଜରିଆରେ ମୃତଦେହ ୨ ପରିବାରକୁ ହସ୍ତାନ୍ତର କରାଯାଇଥିଲା। ଶେଷରେ ପାଡୁଆ ପୂଜାରୀପୁଟ ଗ୍ରାମ ଶ୍ମଶାନରେ ପାଡୁଆ ପୋଲିସ ଉପସ୍ଥିତିରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଶେଷକୃତ୍ୟରେ ଅଭିଯୁକ୍ତ ସ୍ୱାମୀ ପ୍ରଭାସ ସିଂ ଯୋଗଦେଇଥିବାରୁ ତାଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯିବ ବୋଲି ଥାନାଧିକାରୀ ଅଶୋକ ବିଶୋୟୀ କହିଛନ୍ତି। ଶିବାନୀଙ୍କ ବାପାଙ୍କ ଏତଲା କ୍ରମେ ଯୌତୁକ ନିର୍ଯାତନା ମାମଲା (୭୪/ ୨୪) ରୁଜୁ ହୋଇଛି। ଜିଲା ଆରକ୍ଷୀ ଅଧୀକ୍ଷକ, ନନ୍ଦପୁର ଏସ୍‌ଡିପିଓ ସମ୍ପିତ ମାଝି ଓ ପାଡୁଆ ଥାନାଧିକାରୀ ବିଶୋୟୀଙ୍କ ତତ୍ତ୍ୱାବଧାନରେ ଏହାର ତଦନ୍ତ ଏସ୍‌ଆଇ ଟୁନା ଶବର କରୁଛନ୍ତି। ଶିବାନୀଙ୍କ ଫୋନ୍‌କୁ ତଦନ୍ତ ପରିସରକୁ ନିଆଯାଇଛି। ଦିନେ ୨ ଦିନ ମଧ୍ୟରେ ପାଡୁଆ ପୋଲିସ ଶିବାନୀଙ୍କ ବାପଘର ମାଲକାନଗିରି ଏମ୍‌ଭି–୧୦ ଗ୍ରାମକୁ ଯାଇ ଅଧିକ ତଦନ୍ତ କରିବ ବୋଲି ଏସ୍‌ଡିପିଓ ମାଝି କହିଛନ୍ତି।

# ଡାଲିଜାତୀୟ ଫସଲ ଅମଳ ନେଇ ଚାଷୀଙ୍କୁ ତାଲିମ

**କୋରାପୁଟ, ୧୬ା୫ (ଅମିତାଭ ବେହେରା)**

କୋରାପୁଟ ପ୍ରଗତି ଅନୁଷ୍ଠାନ ପକ୍ଷରୁ ପଟ୍ଟାଙ୍ଗି ବ୍ଲକର ସପାରିଆଗୁଡ଼ା ଗ୍ରାମରେ ରବିଋତୁରେ ଡାଲିଜାତୀୟ ଫସଲ ଅମଳ ନେଇ ଏକ କ୍ଷେତ୍ର ଦିବସ କାର୍ଯ୍ୟକ୍ରମ ଅବସରରେ ଗୁରୁବାର ଚାଷୀଙ୍କୁ ତାଲିମ ପ୍ରଦାନ କରାଯାଇଛି । ୨୦୨୩ –୨୪ ରବିଋତୁରେ ଚାଷ କରାଯାଇଥିବା ଡାଲିଜାତୀୟ ଫସଲର ଠିକ୍ ଅମଳ ନେଇ ଏହି କାର୍ଯ୍ୟକ୍ରମ ହୋଇଥିଲା। ପଟ୍ଟାଙ୍ଗି ବ୍ଲକର ଚନ୍ଦକା ଓ ଆମ୍ବାବାଲି ପଞ୍ଚାୟତର କୃଷି ପର୍ଯ୍ୟବେକ୍ଷକ ପ୍ରଭାସ ଚନ୍ଦ୍ର ଦାଶ, ପେଟୁ ଓ ତଳ ଗୋଲୁରୁ ପଞ୍ଚାୟତର ପର୍ଯ୍ୟବେକ୍ଷକ ଗୋପୀନାଥ ଭୋଇଙ୍କ ସହ ବ୍ଲକ କୃଷି ବିଭାଗର ଉମେଶ ଚନ୍ଦ୍ର ରାୟ ଉପସ୍ଥିତ ଥିଲେ। ଅତିଥିମାନେ ଡାଲିଜାତୀୟ ଫସଲର ଅମଳ ନେଇ ବିଭିନ୍ନ ଦିଗ ଉପରେ ଉପସ୍ଥିତ ଚାଷୀମାନଙ୍କୁ ତାଲିମ ଦେଇଥିଲେ । ୪ ପଞ୍ଚାୟତର ବହୁ ଚାଷୀ ଉପସ୍ଥିତ ରହି ଡାଲି କ୍ଷେତ ଉପରେ ତାଲିମ ନେଇଥିଲେ।


ତାଲିମ ନେଉଥିବା ଚାଷୀମାନେ।

# 'କିଛି ଘଣ୍ଟା ମୋବାଇଲ୍ ଛାଡ଼, ମନ ଭରି ଗପ ଓ ଗୀତ ବହି ପଢ଼'

- ଭ୍ରାମ୍ୟମାଣ ପାଠାଗାର ଶୁଭାରମ୍ଭ
- ପ୍ରାକୃତିକ ପରିବେଶରେ ପିଲାମାନଙ୍କୁ ଶିକ୍ଷଣ ଅନୁଭୂତି ଦେବା ଲକ୍ଷ୍ୟ

**ଉମରକୋଟ, ୧୬ା୫ (ସନ୍ତୋଷ ଶତପଥୀ)**



ପିଲାମାନେ ନିଜ ପସନ୍ଦର ଗପ, ଗୀତ ଓ ଅନ୍ୟ ବହି ପଢୁଛନ୍ତି।

ନବରଙ୍ଗପୁର ଜିଲା ଉମରକୋଟସ୍ଥିତ ଫକୀରମୋହନ ପଠନଶାଳା ଆନୁକୂଲ୍ୟରେ ଗ୍ରାମାଞ୍ଚଳସ୍ତରୀୟ ଭ୍ରାମ୍ୟମାଣ ପାଠାଗାର ଶୁଭାରମ୍ଭ କରାଯାଇଛି। 'କିଛି ଘଣ୍ଟା ପାଇଁ ମୋବାଇଲ୍ ଛାଡ଼, ମନ ଭରି ଗପ ଓ ଗୀତ ବହି ପଢ଼' ସ୍ଲୋଗାନ ନେଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଅନୁଷ୍ଠାନ ସମ୍ପାଦକ ପ୍ରଫୁଲ୍ଲ କୁମାର ରାଉତଙ୍କ ନେତୃତ୍ୱରେ ସ୍ଥାନୀୟ କେନାଲ ସାହି ୱାର୍ଡରୁ ମେ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଛି।

୨୦୦୮ରୁ ସ୍ଥାପିତ ଫକୀରମୋହନ ପଠନଶାଳାରେ ଗଚ୍ଛିତ ଥିବା ବିଭିନ୍ନ ପତ୍ର ପତ୍ରିକା ମଧ୍ୟରୁ ପିଲାମାନଙ୍କ ପାଇଁ ଉପଯୋଗୀ ମୀନାବଜାର, ଜହ୍ନମାମୁଁ ଉଇଜ୍‌ଡମ୍, ଶିଶୁ କବିତା, ଆସ ଆମ ଅଞ୍ଚଳର ମହାପୁରୁଷଙ୍କୁ ଜାଣିବା ପରି ବିଭିନ୍ନ ପୁସ୍ତକ ପିଲାମାନଙ୍କୁ ବଣ୍ଟନ କରାଯିବ। ପଢ଼ିବା ପାଇଁ ଉତ୍ସାହିତ କରିବା, ଗଳ୍ପ କଥନ, ଗୀତ ବୋଲିବା, ଚିତ୍ର ଆଙ୍କିବା, ସାଧାରଣ ଜ୍ଞାନ ଆଦି ପ୍ରତିଯୋଗିତା ମୂଳକ କାର୍ଯ୍ୟକ୍ରମର ଆୟୋଜନ, ଚାରାରୋପଣ ଉପକାରିତା, ସ୍ୱାସ୍ଥ୍ୟ ଓ ପରିବେଶକୁ କିପରି ସଫା ରଖାଯିବ ସେ ଦିଗରେ ସଚେତନତା ବାର୍ତ୍ତା ପିଲାମାନଙ୍କୁ ଦେବା ପାଇଁ ଏହି ପ୍ରୟାସ କରାଯାଇଛି। ବିଦ୍ୟାଳୟଗୁଡିକରେ ଗ୍ରୀଷ୍ମଛୁଟି ହୋଇଥିବାରୁ ପିଲାମାନଙ୍କ ଭିତରେ ପାଠ୍ୟ ପୁସ୍ତକ ଓ ଅନ୍ୟାନ୍ୟ ପୁସ୍ତକ ପଢ଼ିବାର ଇଚ୍ଛା ସୃଷ୍ଟି କରିବା ସହ ପିଲାମାନଙ୍କୁ ପ୍ରାକୃତିକ ପରିବେଶରେ ଶିକ୍ଷଣ ଅନୁଭୂତି ସାଉଁଟିବାର ଲକ୍ଷ୍ୟ ନେଇ ମେ ୩୦ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲୁ ରହିବ ବୋଲି ସମ୍ପାଦକ ପ୍ରଫୁଲ୍ଲ କୁମାର ରାଉତ ମତ ଦେଇଛନ୍ତି। ଅନୁଷ୍ଠାନର ସାଗର କୁମାର ପରିଡ଼ା, ବିବେକାନନ୍ଦ ପଟ୍ଟନାୟକ, ରଶ୍ମିତା ସ୍ୱାଇଁ, ଆଇନଜୀବୀ ଶ୍ରୀନିବାସ ପଟ୍ଟନାୟକ ଓ ହରିହର ଶତପଥୀ ପ୍ରମୁଖ ପ୍ରଥମ ଦିନରେ ପୁସ୍ତକ ବଣ୍ଟନ, ଆଲୋଚନା ଆଦି ଦାୟିତ୍ୱ ତୁଲାଇଛନ୍ତି। ପରବର୍ତ୍ତୀ ସମୟରେ ଅନ୍ୟ ସଦସ୍ୟମାନେ ବହୁ ସଂଖ୍ୟାରେ ଯୋଗଦେବେ ବୋଲି ସମ୍ପାଦକ ମତ ରଖିଛନ୍ତି।

